# ସେ, ସର୍ବରୂପମୟୀ ଓ ସର୍ବମନ୍ତ୍ରମୟୀ

ଶ୍ରୀ ରବୀନ୍ଦ୍ର ନାରାୟଣ ମିଶ୍ର

ବଡ଼ଦେଉଳକୁ ଆସୁଥିବା ହଜାର ହଜାର ଦର୍ଶନାର୍ଥୀମାନଙ୍କ ଭିତରେ ଯେଉଁ କେତେଜଣ ବାରି ହୋଇପଡ଼ନ୍ତି, ତା ଭିତରୁ ସେ ଥିଲେ ଜଣେ । ବୟସ ପଚାଶରୁ ଅଧିକ ହେଲେ ବି ତାଙ୍କର ସୌମ୍ୟ ଶାନ୍ତ ରୂପକାନ୍ତି ଜଣେଇ ଦେଉଥିଲା ସେ ଯେମିତି ତିରିଶ ପାର ହୋଇ ନାହାନ୍ତି । ତା ଛଡ଼ା ତାଙ୍କ ଚାଲି, ତାଙ୍କ ଦର୍ଶନ କରିବାର ଢ଼ଙ୍ଗ, ତାଙ୍କ ବେଶଭୂଷା ସବୁଥିରେ ଯେମିତି କିଛି ଗୋଟାଏ ସ୍ୱତନ୍ତ୍ରତା ଲାଖି ରହିଛି ବୋଲି ମନେ ହେଉଥିଲା । ସେ ପ୍ରାୟ ଏକୁଟିଆ ଆସୁଥିଲେ ଓ ଅତି ସନ୍ତର୍ପଣରେ ଫେରି ଯାଉଥିଲେ । ଜଗମୋହନ ଭିତରେ ଦର୍ଶନ ଚାଲୁଥିଲେ ସେ ବେହରଣ ଦ୍ୱାର ଦେଇ ସିଧା ପଶିଯାଆନ୍ତି ଓ ଗୋଟିଏ କଣରେ ଠିଆ ହୋଇ ଏକ ଲୟରେ ଚକାଡ଼ୋଳାଙ୍କୁ ଚାହିଁ ରହନ୍ତି । ଯଦି କେତେବେଳେ କେମିତି ବେହରଣ ଦ୍ୱାରା ଦେଇ ଦର୍ଶନ ବନ୍ଦ ଥାଏ, ତେବେ ଜୟବିଜୟ ଦ୍ୱାର ଦେଇ ଜଗମୋହନକୁ ଓହ୍ଲେଇ ପଡ଼ି ସେ ଜଗନ୍ନାଥଙ୍କୁ ସଳଖ ହୋଇ ଦେଖି ପାରିବା କଣମୁଣ୍ଡରେ ଠିଆ ହୋଇ ରହନ୍ତି । ଥରେ ବିଳମ୍ବିତ ରାତିରେ ସେ ଦର୍ଶନ କରିବା ବେଳେ ଦେଖିଲି, ନିଜ ଆଞ୍ଜୁଳାରେ ଚାରି ପାଞ୍ଚୋଟି ମନ୍ଦାର ଫୁଲ ଧରି ସେ କ'ଣ ଗୁଡ଼ାଏ ସ୍ତୋତ୍ର ପଢୁ ପଢୁ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଉପରୁ ତଳକୁ ପକାଇଲେ । ସେତେବେଳେ ମୁଁ ନିଜେ ଜଗମୋହନର ଅନ୍ୟ କଣରେ ଠିଆ ହୋଇଥିଲି । ତାଙ୍କର ଆଞ୍ଜୁଳାରୁ ଫୁଲ ପକାଇବା ଦେଖି ମୁଁ ଚମକି ପଡ଼ିଲି । କାରଣ ଗୋଟିଏ ହେଲେ ଫୁଲ ମୁଖଶାଳାର ଚଟାଣରେ ନ ପଡ଼ି କେଉଁଆଡ଼େ ଉଭେଇ ଯାଉଥିଲା । ନିଜ ଆଖିକୁ ନିଜେ ବିଶ୍ୱାସ କରିପାରିଲିନି । ଆଞ୍ଜୁଳାରୁ ପଡୁଥିବା ମନ୍ଦାର ଫୁଲ ଗୁଡ଼ିକ ଉଭେଇ ଯାଉଛି କେମିତି ! ସେଦିନ ସେ ଯେତେବେଳେ ଦର୍ଶନ ସାରି ବେହରଣ ଦ୍ୱାର ଦେଇ ପଶ୍ଚିମ ପଟ ନିଶାତଳ ବେଢ଼ାବୁଲି ତରତର ହୋଇ ଫେରିଲେ, ମୁଁ ତାଙ୍କୁ ଅନୁସରଣ କଲି । ଘୋଡ଼ାଦ୍ୱାର ଦେଇ ଆନନ୍ଦବଜାର ବାଟେ ସେ ବିଜୁଳି ବେଗରେ ଦେଉଳରୁ ବାଇଶପାହାଚ ଦେଇ ବାହାରି ଯାଉଥିଲା ବେଳେ ମୁଁ ତାଙ୍କ ପଛରେ ଥାଇ ଦେଖିଲି, ସିଂହଦ୍ୱାର ଦେଇ ସେ ଅରୁଣସ୍ତମ୍ଭ ପଛରେ ଯାଇ ଠିଆହେଲେ ଓ ସେଇଠି ଅରୁଣସ୍ତମ୍ଭ ଚକଡ଼ାରେ ଲମ୍ବ ହୋଇ ପଡ଼ିଗଲେ । ଯେତେବେଳେ ସେ ଉଠିଲେ, ତାଙ୍କୁ ଅପେକ୍ଷା କରିଥିବା ଜଣେ ଅତିବୟସ୍କ ପୁରଷ ଓ ଜଣେ ସ୍ତ୍ରୀ ତାଙ୍କୁ ଉର୍ଦ୍ଧ୍ୱଭଳି ଲାଗୁଥିବା ବଙ୍ଗଳାଭାଷାରେ ପଚାରିଲେ, ''କାଲି କେତେବଳେ ଆସିବୁ ?'' ସେ ଉତ୍ତର ଦେଲେ, ''ଠିକ୍ ଏଇ ସମୟରେ ବାବା'' । ମୁଁ ଚଟ୍‌କିନି ଘଣ୍ଟାକୁ ଚାହିଁଲି । ରାତି ଏଗାରଟା । ଦେଖିଲି ତିନିଜଣ ଯାକ ଧୀରେ ଧୀରେ ଖଜାପଟି ଦେଇ ସ୍ୱର୍ଗଦ୍ୱାର ରାସ୍ତା ଧରିଲେ ।

(୨)

ତହିଁ ଆରଦିନ ଦିନତମାମ ମୋ ମନରେ ତାଙ୍କ ଆଞ୍ଜୁଳାରୁ ମନ୍ଦାର ଫୁଲ ଜଗନ୍ନାଥଙ୍କୁ ଦେଖି ଖସାଇବା ଦୃଶ୍ୟଟି ମନେ ପଡ଼ି ଯାଉଥାଏ । ଜଗନ୍ନାଥଙ୍କୁ ତ ମନ୍ଦାର ଫୁଲ ଆଦୌ ଦିଆଯାଏ ନାହିଁ । ସେ କାହିଁକି ମନ୍ଦାର ଫୁଲ ଦେଉଛନ୍ତି ? ତେବେ ମନ୍ଦାର ଫୁଲ ଗୁଡ଼ିକ ଆଞ୍ଜୁଳିରୁ ଖସିପଡ଼ିଲା ପରେ କୁଆଡ଼କୁ ଯାଉଛି ? ଗୋଟିଏ ହେଲେ ତ ଚଟାଣରେ ପଡୁନି । କିଏ ଏ ରହସ୍ୟମୟୀ ?

ତହିଁ ଆର ଦିନ ରାତି ଏଗାରଟା ପୂର୍ବରୁ ମୁଁ ଅରୁଣସ୍ତମ୍ଭ ପାଖରେ ଠିଆ ହୋଇ ତୀକ୍ଷ୍ଣ ଦୃଷ୍ଟି ରଖିଥାଏ । ଏଗାରଟା ବାଜିବାକୁ ପନ୍ଦରମିନିଟ୍ ଥାଏ, ସେ ତିନିଜଣ ପହଞ୍ଚିଲେ । ପୂର୍ବଦିନ ଭଳି ଦୁଇଜଣ ରହିଗଲେ ଅରୁଣସ୍ତମ୍ଭ ପାଖରେ, ସେ ଏକାକିନୀ ସିଂହଦ୍ୱାର ଆଡ଼କୁ ଚାଲିଲେ । ମୁଁ ତାଙ୍କୁ ଅନୁସରଣ କଲି । ବାଇଶିପାହାଚ ଛୁଉଁ ଛୁଉଁ ସେ ସ୍ତୋତ୍ର ପଢ଼ିବା ଆରମ୍ଭ କରିଦେଲେ । ଅତି ପାଖରୁ କାନେଇ ଶୁଣିଲି ସେ ସପ୍ତଶତୀ ଚଣ୍ଡୀର ଏକାଦଶ ଅଧ୍ୟାୟ ଋଷିସ୍ତୁତି ପଢୁଛନ୍ତି । ଅତି ସୁନ୍ଦର କଣ୍ଠ-ସ୍ପଷ୍ଟ ଉଚ୍ଚାରଣ । ଜଗନ୍ନାଥଙ୍କୁ ଦେଖିବାକୁ ଆସି ଦେବୀଙ୍କ ସ୍ତୁତି ପଢୁଛନ୍ତି କାହିଁକି ? ସେ ଭୋଗମଣ୍ଡପର ଭୋଗଯିବା ବାଟ ଧରି ପହଞ୍ଚିଲେ ନାଟମଣ୍ଡପରେ । ସେଠାରୁ ସିଧା ଜୟବିଜୟ ଦ୍ୱାର ଦେଇ ଜଗମୋହନ ପାହାଚରେ ଓହ୍ଲେଇ ପଡ଼ିଲେ ଓ ଗୋଟିଏ କଣରେ ଠିଆହୋଇ ଜଗନ୍ନାଥଙ୍କୁ ଚାହିଁ କାନି ଫିଟାଇ ମନ୍ଦାର ଫୁଲ ଗୁଡ଼ିଏ ନିଜ ଆଞ୍ଜୁଳାରେ ଧରିଲେ । ଏଥର ମୁଁ ଠିଆହେଲି ତାଙ୍କ ଦେଖି ନ ପାରିବା ପାହାଚରେ । ବହୁତ ସମୟ ସ୍ତୋତ୍ର ପଢ଼ିସାରି ସେ ଆଞ୍ଜୁଳା ଟେକିଲେ

ଜଗନ୍ନାଥଙ୍କୁ ଲକ୍ଷ୍ୟକରି । ଠିକ୍ ପୂର୍ବରାତି ଭଳି ପାଞ୍ଚୋଟି ମନ୍ଦାର ଫୁଲ ଗୋଟିକ ପରେ ଗୋଟିଏ ଆଞ୍ଜୁଳାରୁ ଖସି ତଳେ ପଡ଼ିବା ଆଗରୁ କୁଆଡ଼େ ଉଭେଇ ଗଲେ । ମୁଁ ହଠାତ୍ ଗୋଟିଏ ନିଷ୍ପତ୍ତି ମନେମନେ ଗ୍ରହଣ କରି ନେଇ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରି ସିଧା ଫେରି ଆସିଲି ଅରୁଣସ୍ତମ୍ଭ ଚକଡ଼ାକୁ । ଦେଖିଲି ତାଙ୍କ ସାଙ୍ଗରେ ଆସିଥିବା ବୟସ୍କ ସ୍ତ୍ରୀ ପୁରୁଷ ଦୁଇଜଣ ଅନତିଦୂରରେ ଠିଆ ହୋଇଛନ୍ତି । ତାଙ୍କ ପାଖକୁ ଯାଇ ହିନ୍ଦୀରେ ପଚାରିଲି, ''ଆପଣମାନଙ୍କ ସାଙ୍ଗରେ ଆସିଥିବା ମହିଳା ଯେ ମନ୍ଦିର ଭିତରକୁ ଯାଇଛନ୍ତି କ'ଣ ଆପଣମାନଙ୍କର ସମ୍ପର୍କୀୟ ? ଆପଣମାନେ କେଉଁଠୁ ଆସିଛନ୍ତି ? ତାଙ୍କ ସାଙ୍ଗରେ ଆପଣ ଦୁଇଜଣ କାହିଁକି ମନ୍ଦିର ଭିତରକୁ ଗଲେନି ?''

ମୋର ଏ ପ୍ରଶ୍ନଗୁଡ଼ିକ ଯେମିତି ସେ ଦୁଇଜଣଙ୍କୁ ବଡ଼ ଅଡୁଆରେ ପକେଇଦେଲା । ସେମାନେ ମୋ ପ୍ରଶ୍ନଗୁଡ଼ିକ ଶୁଣୁଶୁଣୁ ଯେମିତି ଚମକି ପଡ଼ିଲେ । ତା'ପରେ ମତେ ହିନ୍ଦୀରେ ଉତ୍ତର ଦେଲେ, ''ବାବୁ ଆମେ ବିଦେଶରୁ ଆସିଛୁ । ମନ୍ଦିର ଭିତରକୁ ଯେ ଯାଇଛି, ସେ ଆମ ଝିଅ । ତା ଆସିବାକୁ ଅପେକ୍ଷା କରୁଛୁ'' । ମୁଁ ପ୍ରଶ୍ନ କଲି, ''ତେବେ ଆପଣ ଦୁଇଜଣ ଝିଅସାଙ୍ଗେ ମନ୍ଦିର ଭିତରକୁ କାହିଁକି ଗଲେନି'' ?

ଲକ୍ଷ୍ୟ କଲି, ମୋର ଏ ପ୍ରଶ୍ନ ପଚାରିବା ମାତ୍ରେ ଉଭୟ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଚାହିଁଲେ । ତା'ପରେ ପୁରୁଷ ଜଣକ ଉତ୍ତର ଦେଲେ, ''ଆମେ ମନ୍ଦିରକୁ ଯାଉନା ।''

ମତେ ଲାଗିଲା, ସେମାନେ ମୋ ସହିତ କଥାବାର୍ତ୍ତା ହେବାକୁ ଚାହୁଁ ନାହାନ୍ତି । ମୁଁ ତାଙ୍କୁ ତଥାପି ପଚାରିଲି, ''ଆପଣମାନେ କ'ଣ ମନ୍ଦିର ଭିତରୁ ଝିଅ ଫେରିବା ଯାଏ ଏଇଠି ଅପେକ୍ଷା କରିବେ ?'' ସେମାନେ ମୁଣ୍ଡ ଟୁଙ୍ଗାରି 'ହଁ' ବୋଲି କହିଲେ । ମୁଁ ଏଥର ପୁଣି ପଚାରିଲି, ''ତାଙ୍କ ସାଙ୍ଗରେ ମୁଁ କଥାବାର୍ତ୍ତା କରି ପାରିବି ?'' ଏଥର ସେ ସ୍ତ୍ରୀ ଲୋକ ଜଣକ କହିଲେ, ''ହଁ, ହଁ, କଥାବାର୍ତ୍ତା କାହିଁକି କରି ପାରିବେନି ? ଗୁଲାବ୍ ଫେରିଆସୁ । ଆପଣ ତା ସହିତ କଥାହେବେ ?''

ସେଦିନ ମତେ ଦୀର୍ଘ ସମୟ ଅପେକ୍ଷା କରିବାକୁ ହେଲା । ସେ ମନ୍ଦିର ଭିତରୁ କେମିତି ଗୋଟାଏ ଭିନ୍ନ ରୂପରେ ଫେରିଲେ । ତାଙ୍କୁ ଦେଖିଲେ ଜଣାପଡୁଥାଏ, ସେ ଯେମିତି ନିଶାଗ୍ରସ୍ତ ହୋଇଛନ୍ତି । ତାଙ୍କୁ ଦେଖୁଦେଖୁ ସ୍ତ୍ରୀ ଲୋକଟି ମତେ ଦେଖାଇ କହିଲେ, ''ଏ ବାବୁ ତୋ ସାଙ୍ଗରେ କ'ଣ ଟିକେ କଥାହେବେ ବୋଲି ଅପେକ୍ଷା କରିଛନ୍ତି ଗୁଲାବ'' । ସେ ମୋ ଆଡ଼କୁ ଚାହିଁବାରୁ ମୁଁ କହିଲି, ''ହଁ, ଆପଣଙ୍କ ସାଙ୍ଗରେ ଟିକେ କଥା ହେବାକୁ ଚାହୁଁଛି'' । ସେ 'ମତେ ବଙ୍ଗଳାଭାଷାରେ କହିଲେ, ''କ'ଣ ନିହାତି ଜରୁରୀ '' ? ମୁଁ କହିଲି, ''ହଁ, ଟିକେ କଥା ଅଛି । ଆପଣ ଯଦି....''

ମୋତେ ମୋ କଥା ସାରିବାକୁ ନ ଦେଇ ସେ କହିଲେ, ''ମୁଁ ବର୍ତ୍ତମାନ ଦକ୍ଷିଣକାଳୀ ମନ୍ଦିରକୁ ଯିବି । ଦର୍ଶନ ପରେ କଥା ହୋଇପାରିବି, ଆପଣ କ'ଣ ମୋ ସାଙ୍ଗରେ ଯିବେ'' ?

ମୁଁ 'ହଁ' କହି ତାଙ୍କ ସାଙ୍ଗରେ ଦକ୍ଷିଣକାଳୀ ମନ୍ଦିର ଆଡ଼କୁ ଚାଲିଲି । ଖଜାପଟି ପାର ହୋଇ ସେ ଦକ୍ଷିଣକାଳୀ ମନ୍ଦିର ଆଡ଼କୁ ମୋଡ଼ ଦେଲେ । ତାଙ୍କ ପଛେ ପଛେ ସ୍ୱାମୀ,ସ୍ତ୍ରୀ ଚାଲିଥାଆନ୍ତି । ସେ ଦୁଇଜଣ ଦକ୍ଷିଣକାଳୀ ମନ୍ଦିରର ପାହାଚ ପାଖରେ ଠିଆହୋଇ ରହିଲେ । ପାହାଚ ଚଢ଼ି ସେ ଯେତେବେଳେ, ମା'ଙ୍କୁ ଦର୍ଶନ କରିବାକୁ ବାହାରିଲେ, ମୁଁ ତାଙ୍କ ପଛରେ ରହିଥିଲି । ମା'ଙ୍କୁ ଦେଖୁ ଦେଖୁ ସେ ଭାବାବେଶ ହୋଇ ପଡ଼ିଲେ । ତା'ପରେ ସେ ପଣ୍ଡାଙ୍କ ଆଡ଼କୁ ହାତ ବଢ଼େଇଲେ । ପଣ୍ଡା କିଛି ନ କହି ଚାରି ପାଞ୍ଚୋଟି ମନ୍ଦାର ଫୁଲ ତାଙ୍କ ହାତରେ ଦେଇଦେଲେ ମା'ଙ୍କ ଶ୍ରୀଅଙ୍ଗରୁ ଆଣି । ମନ୍ଦାର ଫୁଲଗୁଡ଼ିକର ଆକାରରୁ ମତେ ଲାଗିଲା ଏ ଯେମିତି ସେଇ ଫୁଲ ଯାହାକୁ ସେ ଜଗନ୍ନାଥଙ୍କୁ ଦେଖି ଆଞ୍ଜୁଳାରୁ ପକାଇ ଦେଇଥିଲେ ।

ଦର୍ଶନ ସାରି ସେ ମତେ ରାସ୍ତା ଉପରେ ପଚାରିଲେ, ''କ'ଣ ଅଳ୍ପବେଳ କଥା ଅଛି ? ମୁଁ ତ ଏଠୁ ଘରକୁ ଯିବି । ମୋ ସାଙ୍ଗରେ ଯଦି ବେଶୀ କଥା ଥାଏ, ତେବେ ଘରକୁ ଯିବାକୁ ପଡ଼ିବ ।''

ମୁଁ ତାଙ୍କ ସାଙ୍ଗରେ ଘରକୁ ଯିବାକୁ ରାଜି ହୋଇଗଲି । ଖଜାପଟିରୁ ସ୍ୱର୍ଗଦ୍ୱାର ଆଡ଼କୁ ଯେଉଁ ରାସ୍ତାପଡ଼ିଛି, ସେ ରାସ୍ତାରେ କିଛିବାଟ ଗଲେ ରାଧାକାନ୍ତ ମଠ ପାଖାପାଖି ଗୋଟିଏ ରାସ୍ତାକଡ଼ର ବାଁ ହାତ ଘରେ ସେ ରହୁଥିଲେ । ଲକ୍ଷ୍ୟ କଲି, ଘରେ ତିନୋଟି ବଖରା ଅଛି । ସେ ବାହାରେ ଗୋଡ଼ ଧୋଇ ଗୋଟିଏ ବଖରାକୁ ଯାଇ ଘରକାନ୍ଥକୁ ଆଉଜା ହୋଇ ଖଟୁଲିରେ ଥୁଆ ହୋଇଥିବା ଗୋଟିଏ ଠାକୁରାଣୀଙ୍କ ଫଟୋକୁ ନତଜାନୁ ହୋଇ ପ୍ରଣାମ କଲେ । ତାଙ୍କ ଦେଖାଦେଖି ମୁଁ ମଧ ପ୍ରଣାମ କରିବା ପରେ ସେ ମୋ ଆଡ଼କୁ ଗୋଟିଏ ଆସନ ବଢ଼େଇ ଦେଲେ । ମୁଁ ସେଥିରେ ବସିବା ପରେ ସେ ଅନ୍ୟ ବଖରାରେ ଥିବା ସ୍ୱାମୀ ସ୍ତ୍ରୀଙ୍କୁ କହିଲେ, ''ବାବା ମା, ତୁମେ ଦି'ଜଣ ଖାଇନିଅ, ମୋର ଡ଼େରି ହେବ । ଏ ବାବୁଙ୍କ ସାଙ୍ଗରେ କ'ଣ ଟିକେ କଥା ଅଛି ।''

ଏଥର ସେ ସଜାଡ଼ି ହୋଇ ବସି ମୋ ଆଡ଼କୁ ପ୍ରଶ୍ନ

ପଚାରିବା ଢ଼ଙ୍ଗରେ ଚାହିଁ ରହିବାରୁ ମୁଁ ପଚାରିଲି, 'ଜଗନ୍ନାଥଙ୍କୁ ଚାହିଁ ଯେଉଁ ମନ୍ଦାର ଫୁଲ ଆପଣ ଆଞ୍ଜୁଳାରେ ଟେକି ଦେଇଥିଲେ, ସେଇ ଫୁଲ କ'ଣ ଆପଣ ମା' ଦକ୍ଷିଣକାଳୀଙ୍କ ମନ୍ଦିରରୁ ଆଣିଲେ ?''

ମୋ ପ୍ରଶ୍ନରେ ସେ ଚମକି ପଡ଼ିଲେ । ତା'ପରେ ମତେ ଟିକେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ପଚାରିଲେ, ''ଆପଣ କ'ଣ ମତେ ଜଗନ୍ନାଥଙ୍କୁ ଆଞ୍ଜୁଳାରେ ଫୁଲ ଦେଲାବେଳେ ଦେଖିଥିଲେ'' ?

ମୁଁ କହିଲି, ''ହଁ, ଦୁଇଦିନ ଦେଖିଛି ।'' ତେବେ ମୋର ଏ ଦେଖିବାଟାକୁ ଆପଣ ଲକ୍ଷ୍ୟ କରି ନାହାନ୍ତି'' ।

ସେ କହିଲେ, ''ଦୁଇଦିନ ଯାକ ଆପଣ ଦେଖିଛନ୍ତି ମୁଁ ଦକ୍ଷିଣକାଳୀ ମା'ଙ୍କ ପାଖରୁ ମନ୍ଦାର ଫୁଲ ଆଣିବା'' ?

ମୁଁ ଉତ୍ତର ଦେଲି, ''ନା, ନା, ଆଜି କେବଳ ଦେଖିଲି, ଆପଣ ମା'ଙ୍କ ପୂଜକ ପାଖରୁ ମନ୍ଦାର ଫୁଲ ନେବା । ଫୁଲର ଆକାରରୁ ମତେ ଲାଗିଲା ଯେଉଁ ଫୁଲ ଆପଣ ଜଗନ୍ନାଥଙ୍କୁ ଆଞ୍ଜୁଳାରେ ଦେଉଥିଲେ, ଏ ସେଇ ଫୁଲ । ହଁ, ସେ ଫୁଲଗୁଡ଼ିକ ଆପଣ ଆଞ୍ଜୁଳାରୁ ପକାଇଦେଲାବେଳେ ସେଗୁଡ଼ିକ ତ ତଳେ ପଡୁ ନ ଥିଲା'' ?

ଏଥର ସେ ବିସ୍ମୟଭରା କଣ୍ଠରେ ପଚାରିଲେ, ''ଓ ଆପଣ ତା ବି ଲକ୍ଷ୍ୟ କରିଛନ୍ତି ! ବେଶ୍, ଏଥର କହନ୍ତୁ, କ'ଣ ମୋ ସାଙ୍ଗରେ କଥାବାର୍ତ୍ତା ଥିଲା'' ।

ମୁଁ ତାଙ୍କୁ ମନେ ପକାଇ ଦେଲି, ''ମତେ କହୁନାହାନ୍ତି ଜଗନ୍ନାଥଙ୍କୁ ଆଞ୍ଜୁଳାରୁ ଯେଉଁ ଫୁଲ ଦେଇଥିଲେ, ଏ କ'ଣ ସେଇ ଫୁଲ, ଯାହାକୁ ଆପଣ ମା' ଦକ୍ଷିଣକାଳୀଙ୍କ ମନ୍ଦିରରୁ ଆଣିଲେ'' ?

ସେ ସଂକ୍ଷିପ୍ତ ଉତ୍ତର ଦେଲେ, 'ହଁ' । ମୁଁ ଏଥର ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଚାହିଁ ରହିଲି । ସେ ମୋର ମୁହଁର ଭାବଭଙ୍ଗୀ ଦେଖି କହିଲେ, ''ଆପଣ ମୋ ବିଷୟରେ ସବୁକଥା ଜାଣିବା ପାଇଁ ଚାହୁଁଛନ୍ତି । ଏଇଆ ତ'' ?

ମୁଁ ସ୍ୱୀକାର କଲି । ତା' ପରେ ସେ କହିଲେ, ''ବେଶ୍ ଠିକ୍ ଅଛି । ମୁଁ ସବୁ କଥା କହିଯାଉଛି, ସବୁ ଶୁଣିଲା ପରେ ଯଦି ଆପଣଙ୍କର ଆଉ କିଛି ପଚାରିବାକୁ ଥାଏ, ତେବେ ମତେ କହିବେ ।''

ସେ କହି ଚାଲିଲେ ।

(୩)

ତାଙ୍କ କଥା ଆରମ୍ଭରେ ସେ ମତେ ପ୍ରଶ୍ନ କଲେ, ''ଆପଣ ଢ଼ାକା ଦେଖିଛନ୍ତି କି'' ?

ମୁଁ ନାହିଁ କହିବାରୁ ସେ କହି ଚାଲିଲେ, ''ମୁଁ ଯେଉଁ ପରିବାରରେ ଜନ୍ମ ଗ୍ରହଣ କରିଥିଲି, ସେ ପରିବାର ପୁରୁଷ ପୁରୁଷ ଧରି ଢ଼ାକାରେ ରହି ଆସୁଥିଲେ । ଆମର ଭିଟାମାଟି ଏବେ ବି ଢ଼ାକାରେ ଅଛି । ଅବଶ୍ୟ ଯା ଭିତରେ ଢ଼ାକା ବହୁତ ବଦଳି ଗଲାଣି । ତେବେ ମୋ ସାଙ୍ଗରେ ଆସିଥିବା ଏଇ ବାବା ମା' ଢ଼ାକାର ଅଧିବାସୀ । ଏବେ ବି ସେମାନେ ଢ଼ାକାରେ ରହନ୍ତି'' ।

ମୁଁ ତାଙ୍କୁ ବାଧା ଦେଲି, ''ଆପଣଙ୍କର ଏ ବାବା ମା' ଏବେ ବି ଢ଼ାକାରେ ରହନ୍ତି, ଆଉ ଆପଣ ?''

ସେ ସାମାନ୍ୟ ହସି ହସି କହିଲେ, ''ମୁଁ ଏବେ ଢ଼ାକାରେ ନାହିଁ । ତା' ଛଡ଼ା ମୁଁ ହିନ୍ଦୁ । ବାବା ମା' ମୁସଲମାନ ।''

ମୁଁ ଚମକି ଉଠି ପଚାରିଲି, ''ଆପଣ ହିନ୍ଦୁ, କିନ୍ତୁ ପିତାମାତା ମୁସଲମାନ !''

ସେ କହିଲେ, ''ହଁ, ଶୁଣି ଯାଆନ୍ତୁ । ବହୁତ କଥା କହିବାକୁ ଅଛି । ମୁଁ ଯେଉଁ ବାପା ମା'ଙ୍କଠାରୁ ଜନ୍ମ ହୋଇଥିଲି, ସେମାନେ ଥିଲେ ହିନ୍ଦୁ । ଏ ଯେଉଁ ବାବା ମା'ଙ୍କୁ ଦେଖୁଛନ୍ତି ସେମାନେ ମତେ ଜନ୍ମ ଦେଇନାହାନ୍ତି । ମତେ ଜନ୍ମରୁ ପାଳିଛନ୍ତି । ମୋ ଜନ୍ମଦାତା ଜନ୍ମଦାତ୍ରୀଙ୍କୁ ମୁଁ ଦେଖିନି । ତେଣୁ ଏ ଦୁହେଁ ମୋ ପାଇଁ ଜନ୍ମଦାତା, ଜନ୍ମଦାତ୍ରୀ କହିଲେ ଚଳେ ।''

ତାଙ୍କୁ ଟିକେ ଅଟାକାଇ ଦେଇ ପଚାରିଲି, ''ଆପଣଙ୍କୁ ଏ ସବୁ କହିବାକୁ ମୁଁ ଅନୁରୋଧ କରି ହଇରାଣରେ ପକାଉନି ତ ? ରାତି ଏତେ ହେଲାଣି ।''

ସେ ଶାନ୍ତସ୍ୱରରେ କହିଲେ, ''ନା, ନା, ଆଜି ସବୁ କଥା ନ କହିଲେ ତ ଚଳିବନି । କାଲିକୁ ଆପଣ କେଉଁଠି ଆଉ ମୁଁ କେଉଁଠି-''

- ''ମାନେ ?''

- ''ଦେଖନ୍ତୁ, କାଲି ଆମେ ଏଠାରୁ ଚାଲିଯିବୁ । ତା' ଛଡ଼ା ଆପଣଙ୍କୁ ଆଜି ଏ ସବୁ କହିବାପାଇଁ ନିର୍ଦ୍ଦେଶ ଅଛି । ମତେ କହିବାକୁ ହିଁ ପଡ଼ିବ ।''

- ''ନିର୍ଦ୍ଦେଶ !''

- ''ହଁ, ଏ ପୃଥିବୀରେ ଯାହା ଯାହା ହେଉଛି, ସବୁ ମା'ର ନିର୍ଦ୍ଦେଶରେ ହେଉଛି । ଜଗନ୍ନାଥ ଚାହିଁ ନ ଥିଲେ ଆପଣ କ'ଣ ମତେ ଭେଟିଥାନ୍ତେ ନା ଏ ସବୁ ପଚାରିଥାନ୍ତେ । ସବୁ ସେହି ମା'ର ଇଚ୍ଛା । ମା' ମତେ କାଲିଠାରୁ ଜଣେଇଛି ସବୁ

କଥା ଆପଣଙ୍କୁ ଶୁଣାଇବାକୁ । ତେଣୁ ମୋର ନ ଶୁଣେଇ କ'ଣ ବା ଚାରା ଅଛି ? ତେବେ ରାତି ତ ଅଧାରୁ ବେଶୀ ହୋଇଗଲାଣି । ଆପଣ କିଛି ଖାଇ ନାହାନ୍ତି । ମୁଁ ବି ଖାଇନି । ମା'ର ପ୍ରସାଦ ଅଛି । ଖାଇଦେବା, ମା' ତ ଶୋଇବନି । ସବୁ ଶୁଣିବ, କଥାରେ ଭୁଲ ହେଲେ ବା ଏପଟ ସେପଟ ହେଲେ ଚେତେଇଦେବ ।''

ଏତିକି କହି ସେ କାନ୍ଥକୁ ଆଉଜା ହୋଇଥିବା ଫଟୋ ଆଡ଼କୁ ଟିକେ ଚାହିଁଦେଲେ । ଫଟୋରେ ଥିବା ମା' ଯେମିତି ତାଙ୍କପାଇଁ ଜଡ଼ ନୁହନ୍ତି, ଜୀବ । ମୁଁ କିନ୍ତୁ ତାଙ୍କର କଥାଗୁଡ଼ାକୁ ପୂରା ବୁଝିପାରୁ ନ ଥାଏ । ମତେ ଲାଗୁଥାଏ, ସେ ଯେମିତି ମତେ ଗୋଟିଏ ଗୁଇନ୍ଦା ଗପ ଶୁଣାଇ ଚାଲିଛନ୍ତି ।

ସେ ମୋ ପାଇଁ ଗୋଟିଏ କଦଳୀ ପତରରେ ପ୍ରସାଦ ବାଢ଼ିଦେଲେ । କେତେ ପ୍ରକାର ପିଠା, ଦି' ତିନି ପ୍ରକାର ଭଜା, ଦୁଇ ପ୍ରକାର ତରକାରି, କ୍ଷୀରି । ଏମିତି କେତେ କ'ଣ । ବାଢ଼ି ଦେଉ ଦେଉ କହିଲେ, ''ମା' ମନା କରିଥିଲା କିଛି ଆମିଷଭୋଗ ନ କରିବାକୁ । ଆପଣ ଖାଆନ୍ତିନି ବୋଲି ।''

ମୁଁ କାବା ହୋଇଗଲି । ମୋ ନିରାମିଷ ଖାଇବା ବିଷୟ ବି ତାଙ୍କୁ ମା' ଆଗରୁ କହିଦେଇଛନ୍ତି । ମତେ ବାଢ଼ିଦେଲା ପରେ ସେ କହିଲେ, ''ମୁଁ ଟିକେ ପରେ ଖାଇବି, କାଳେ କ'ଣ ଦେବାକୁ ହେବ ପଛରେ ।'' ପତରରେ ବଢ଼ା ହୋଇଥିବା ଖାଦ୍ୟକୁ ଚାହିଁ କହିଲି, ''ଏ ତ ବହୁତ, ମୋର ଆଉ କିଛି ଦରକାର ହେବନି ।'' ସେ କହିଲେ, ''ହଉ, ମୁଁ ଟିକେ ପରେ ନେବି । ଆପଣ ଖାଇବାକୁ ଆରମ୍ଭ କରନ୍ତୁ'' । ଟିକିଏ ପରେ ସେ ଚମକି ପଡ଼ିଲେ, ''ଏ ମା', ମୁଁ ପୂରା ଭୁଲିଯାଇଛି । ଆପଣଙ୍କୁ କୁଆଡ଼େ ଖେଚେଡ଼ି ଭଲ ଲାଗେ, ମା' କହିଥିଲା ।'' ଯା କହି ସେ ଗୋଟିଏ ପାତ୍ରରୁ ଖେଚେଡ଼ି ଆଣି ମୋ ପତରରେ ବାଢ଼ିଦେଲେ ଓ ଟିକେ ପରେ ଖାଇବସିଲେ ମୋ ପାଖରେ ଆଉ ଗୋଟିଏ ପତର ପକାଇ ।

ଖାଉ ଖାଉ ସେ କହିଚାଲିଲେ, ''ପଚାଶ ବର୍ଷ ତଳେ ଢ଼ାକାରେ ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଗଲା । ଆବହମାନକାଳରୁ ଭାଇଭାଇ ଭଳି ଚଳି ଆସୁଥିବା ହିନ୍ଦୁ ମୁସଲମାନ ପରସ୍ପରର ରକ୍ତ ପିଇଯିବା ପାଇଁ ଝାମ୍ପି ପଡ଼ିଲେ । ଢ଼ାକାରେ ଚାହୁଁ ଚାହୁଁ ରକ୍ତ ନଦୀର ସୁଅ ଛୁଟିଲା । ଠିକ୍ ସେତେବେଳେ ମୁଁ ଜନ୍ମ ହୋଇଥିଲି । ବାପା ମୋର ଗୋଟାଏ ଚଟକଳରେ କାମ କରୁଥିଲେ । ରହମନ୍ ମଉସା ବାପାଙ୍କର ଭାରି ସାଙ୍ଗ ଥିଲେ । ସେ ମୁସଲମାନ ଥିଲେ ବି ଆମ ଘରକୁ ଯିବା ଆସିବା କରୁଥିଲେ ଓ ଆମ ଠାକୁରଙ୍କ ପ୍ରସାଦ ପାଉଥିଲେ । ସାକିଲା ମାଉସୀକୁ ବି ମୋ ମା' ବହୁତ ଭଲ ପାଉଥିଲା । ଏଇ ଯେ ମୋ ସାଙ୍ଗରେ ଦି'ଜଣ ଆସିଲେ ଓ ପାଖ ବଖରାରେ ଅଛନ୍ତି, ସେ ହେଲେ ରହମନ ମଉସା ଓ ସାକିଲା ମାଉସୀ । ଅବଶ୍ୟ ମୁଁ ତାଙ୍କୁ ସବୁଦିନେ ବାବା ମା' ବୋଲି ଡ଼ାକେ ।''

ସେ ଉଠିପଡ଼ି ତାଙ୍କ ପତର ଓ ମୋ ପତର ଉଠାଇନେଇ ଘର ବାହାରକୁ ଚାଲି ଯାଉଯାଉ ମତେ ହାତ ଧୋଇବା ଜାଗା ଦେଖାଇ ଦେଲେ । ତା'ପରେ ସେ ମୋ ପାଖରେ ଆସି ବସି ପଡ୍ରୁପଡ୍ରୁ ମୋ ହାତକୁ ଦି' ଚାରିଟା ଲବଙ୍ଗ ଅଳେଇଚ ବଢ଼େଇଦେଲେ ।

ସେ ତାଙ୍କ କଥାର ଖିଅ ଧରିଲେ, ''ଦଙ୍ଗାବେଳେ କହିଥିଲି ମୁଁ ଜନ୍ମ ହୋଇଥିଲି । ଠିକ୍ ସେତିକି ବେଳେ ରହମନ୍ ମଉସାଙ୍କର ବି ଝିଅଟିଏ ଜନ୍ମ ହୋଇଥିଲା । ତା ରଙ୍ଗ କୁଆଡ଼େ ଗୋଲାପ ଭଳି ଥିବାରୁ ମଉସା ମାଉସୀ ନାଁ ତାର ଗୁଲାବ୍ ଦେଇଥିଲେ ।''

ମୁଁ କହିଲି, ''ସେମାନେ ତ ଆପଣଙ୍କୁ ଗୁଲାବ ବୋଲି ଡ଼ାକୁଛନ୍ତି । ଆପଣଙ୍କ ନାଁ ଗୁଲାବ ନୁହେଁ ?''

ସେ କହିଲେ, ''ହଁ, ମୋ ନାଁ ବି ଗୁଲାବ୍ । ଶୁଣିଯାଆନ୍ତୁ । ଦଙ୍ଗାରେ ମୋ ନିଜ ବାପା ମା' ଟିକିଏ ଦୂରରେ ରହୁଥିବା ରହମନ୍ ମଉସାଙ୍କ ଘରକୁ ରାତି ଅଧରେ ମତେ ଧରି ଦଉଡ଼ିଗଲେ । ମୁଁ ସେତେବେଳେ ସାତଦିନର ହୋଇଥିଲି । ସେମାନେ ରହମନ୍ ମଉସା ଓ ସାକିଲା ମାଉସୀ ହାତରେ ମତେ ଟେକିଦେଉ ଦେଉ କହିଲେ, 'ଏ ଝିଅ ତୁମଦୁହିଁଙ୍କୁ ଲାଗିଲା ।' ଏତିକି କହି ସେମାନେ ସେଠାରୁ ଝଡ଼ବେଗରେ ଚାଲିଗଲେ ସିନା, ଘରେ ପହଞ୍ଚି ପାରିଲେନି । ବାଟରେ ଦୁର୍ବୃତ୍ତଙ୍କ ହାତରେ ସଫା ହୋଇଗଲେ ।''

ସେ ନିଜଆଖିର ଲୁହ ପୋଛିଲେ ପଣତକାନିରେ, ତା' ପରେ ନିଜକୁ ନିଜେ ସମ୍ଭାଳି ନେଇ କହିବାକୁ ଗଲାବେଳେ ମୁଁ ପଚାରିଲି, ''ଆପଣ କ'ଣ ସେମାନଙ୍କର ଏକମାତ୍ର ସନ୍ତାନ ଥିଲେ ?'' ସେ କହିଲେ, ''ହଁ, ପ୍ରଥମ ଏକମାତ୍ର ସନ୍ତାନ ।''

''ପରେପରେ ହତ୍ୟାକାରୀମାନେ ଜାଣିଲେ ରହମନ୍ ମଉସା ଘରେ ବାପା ମା' ତାଙ୍କର ସନ୍ତାନଟିକୁ ଛାଡ଼ିଦେଇ ଯାଇଛନ୍ତି । ସେମାନେ ମତେ ସାଫ୍ କରିଦେବାକୁ ରହମନ୍ ମଉସାଙ୍କ ଘରକୁ ଘେରିଗଲେ । ମଉସା ମାଉସୀ ଅତି ଧର୍ମପରାୟଣ । ସେମାନେ ମତେ ନ ଦେଖାଇ ତାଙ୍କ ନିଜ ଝିଅକୁ

ଦେଖାଇଦେଲେ ଏବଂ ତାଙ୍କରି ଆଖିଆଗରେ ତାଙ୍କ ନିଜ ଝିଅ ଦି'ଗଡ଼ ହୋଇଗଲା ଜଣେ ଘାତକର ଖଣ୍ଡାରେ । ସେଇ ଦିନଠାରୁ ମୁଁ ତାଙ୍କର 'ଗୁଲାବ୍' ହୋଇଗଲି ।'' ସେ ଟିକେ ଚୁପ୍ ହୋଇ ପୁଣି ଧୀରେ ଧୀରେ କଥା ଆରମ୍ଭ କଲେ, ''ତାଙ୍କରି ସ୍ନେହ ଆଦରରେ ବଢ଼ି ଉଠିଲି । ମାତ୍ର ମୋ ରକ୍ତରେ ଅଲଗା ସଂସ୍କାର ଥିଲା । ରହମନ୍ ମଉସା ଓ ସାକିଲା ମାଉସୀ ମୋର ବାବା ମା' ହୋଇଗଲେ । ବାବା ମତେ ଢ଼ାକା ସହରରେ ସବୁଦିନ ବୁଲାଇ ନିଅନ୍ତି । କେଜାଣି କାହିଁକି ଢ଼ାକାର 'ଢ଼ାକେଶ୍ୱରୀ' ମନ୍ଦିର ମତେ ଭାରି ଭଲ ଲାଗେ । ମୁଁ ସେଠାରେ ବିଜେ କରିଥିବା ମା' ଢ଼ାକେଶ୍ୱରୀଙ୍କୁ ନ ଦେଖିଲେ ପାଗଳିନୀ ହୋଇଯାଉଥିଲି । ମତେ ମଧ୍ୟ ସେ ମନ୍ଦିରକୁ ଯିବାକୁ କେହି ବାରଣ କରୁ ନ ଥିଲେ । ହିନ୍ଦୁମାନେ ଡ଼ରରେ କିଛି କହୁ ନ ଥିଲେ ମୁସଲମାନ ଝିଅଟାଏ ମା'ଙ୍କ ମନ୍ଦିରକୁ ଯାଉଛି ବୋଲି । ମୁସଲମାନମାନେ ମଧ୍ୟ ଏହାକୁ ଅନ୍ୟ ଦୃଷ୍ଟିରେ ଦେଖୁଥିଲେ - ଭଲ ହୋଇଛି ତାଙ୍କ ଜାତିର ଜଣେ ଝିଅ କାଫେର୍‌ଙ୍କ ମନ୍ଦିରକୁ ଅପବିତ୍ର କରୁଛି ବୋଲି ।''

ସେ ଭଦ୍ରତାର ସହ ମୋର ଅନୁମତି ନେଇ ଟିକେ ପାଣି ପିଇ ପୁଣି କଥାର ଖିଅ ଧରିଲେ, ''ଯାହୁଁ ଯାହୁଁ ବଡ଼ ହେଲି, ମା' ଢ଼ାକେଶ୍ୱରୀଙ୍କ ପ୍ରତି ମୋ ଆକର୍ଷଣ ବଢ଼ି ଚାଲିଲା । ତାଙ୍କୁ ଯେଉଁଦିନ ଦେଖି ପାରୁ ନ ଥିଲି, ସେଦିନ ରାତିରେ ଖାଉ ନ ଥିଲି । ମୋର ଏ ହାବଭାବ ଦେଖି ମୋର ବାବା ମା' ମତେ ମୋ ଜନ୍ମଦାତା ଜନ୍ମଦାତ୍ରୀ ବାପା ମା'ଙ୍କ କଥା ଥରେ ସବୁ ଖୋଲି କହିଲେ । ମୋର ମତ ପଚାରିଲେ - ମୁଁ ହିନ୍ଦୁ ହେବି ନା ମୁସଲମାନ ହେବି । ସେତେବେଳେ ମୁଁ ସ୍କୁଲରେ ପାଠ ପଢୁଥିଲି । ଅତି ସୁନ୍ଦରଥିବାରୁ ମୋ ପାଇଁ ବାହାଘର ପ୍ରସ୍ତାବ ବି ଆସିବାରେ ଲାଗିଲା । ମୁଁ ମା'କୁ ଖୋଲି କହିଲି ମୋର ହିନ୍ଦୁ ହେବାକୁ ଇଚ୍ଛା ଅଛି । ମା' ବାବା ମୋର ଅତି ବିଚାରବନ୍ତ ଥିଲେ । ମୁଁ ଥିଲି ତାଙ୍କର ଏକମାତ୍ର ସନ୍ତାନ ସେତେବେଳେ । ସେମାନେ ମୋ ମନକଥା ବୁଝି କଲିକତାରେ ରହୁଥିବା ଗୋଟିଏ ହିନ୍ଦୁଘରେ ମୋତେ ବାହା କରିଦେଲେ । ମୋ ବିଷୟରେ ସବୁକଥା ସେମାନେ ମୋ ଶଶୁର ଶାଶୁଙ୍କୁ କହିଦେଇଥିଲେ । ସେମାନେ ତାଙ୍କର ଏକମାତ୍ର ଧନୀ ପୁଅ ପାଇଁ ସୁନ୍ଦର ଝିଅଟିଏ ଖୋଜୁଥିଲେ । ମୋ ବାବାଙ୍କୁ ଶଶୁର ବହୁତ ଭଲ ପାଉଥିଲେ । ଦୁହିଁଙ୍କ ଭିତରେ କ୍ଷୀରନୀର ସମ୍ପର୍କ ଥିଲା ବହୁବର୍ଷରୁ । ବାବା ମା' ମୋ ବାହାଘର କଲିକତାରେ କରିଥିଲେ । ନିଜ ଝିଅକୁ ବିଦା କଲାଭଳି ସେମାନେ ମତେ ବିଦାୟ ଦେଇଥିଲେ । ମୋର ମନେ ଅଛି, ମୁଁ ଶାଶୁଘରକୁ ଗଲାଦିନ ଏ ମା' ମୋର ଚେତାବୁଡ଼ି ପଡ଼ିଯାଇଥିଲା । ବାବାଙ୍କ କଥା ବି ସେ ଦିନ ଯାହା ହୋଇଥିଲା, କହିଲେ ନ ସରେ ।''

ସେ କାହିଁକି କେଜାଣି ଟିକେ ଅନ୍ୟମନସ୍କ ହୋଇଗଲେ । ମୁଁ ପଚାରିଲି, ''କ'ଣ ଆପଣଙ୍କୁ କଷ୍ଟ ହେଉଛି ?''

ସେ କହିଲେ, ''ନା, ନା, ଆପଣଙ୍କୁ ରାତି ପାହିବା ଆଗରୁ ସବୁ ଠିକେ ଠିକେ ଶୁଣାଇବାକୁ ପଡ଼ିବ । ହଁ, ବାବା ମା' ମତେ ସବୁ ଯୌତୁକ ଭିତରେ ଏଇ ମା' ଢ଼ାକେଶ୍ୱରୀଙ୍କ ଫଟୋଟି ଦେଇଥିଲେ ।'' ଏହା କହି ସେ ଫଟୋତଳେ ମୁଣ୍ଡିଆ ମାରିଲେ, ମୁଁ ବି ଅଜାଣତରେ ଫଟୋତଳେ ମୋ ମୁଣ୍ଡ ଲଗାଇ ଦେଇଥିଲି ।

ସେ କହି ଚାଲିଲେ, ''ପ୍ରତିବର୍ଷ ଆମେ ସ୍ୱାମୀ ସ୍ତ୍ରୀ ଢ଼ାକା ଯାଉ । ମା' ବାବାଙ୍କ ପାଖରେ ରହୁ ଓ ମୁଁ ମା'ଙ୍କୁ ଦେଖେ ।'' ସେ ପୁଣି ମା' ଢ଼ାକେଶ୍ୱରୀଙ୍କ ଫଟୋକୁ ଚାହିଁ କହି ଚାଲିଲେ, ''ମାତ୍ର କେତେବର୍ଷପରେ ହଠାତ୍ ମୋ ଛାତି ଚିରି ହୋଇଗଲା ଯେତେବେଳେ ଖବର ପାଇଲି ମା' ଢ଼ାକେଶ୍ୱରୀଙ୍କ ମନ୍ଦିରକୁ ସେମାନେ ଭାଙ୍ଗି ଦେଇଛନ୍ତି, ଏପରିକି ମା'ଙ୍କ ମୂର୍ତ୍ତି ଓ ମନ୍ଦିରର ହତାପାଚେରୀ ବି ସେମାନଙ୍କ ବିଷ ଆଖିରୁ ରକ୍ଷା ପାଇଲାନି । କଲିକତାରେ ଏ ଖବର ପାଇ ମୁଁ ପାଗଳିନୀ ହୋଇ ସ୍ୱାମୀଙ୍କ ସହ ଢ଼ାକା ଛୁଟିଗଲି । ଯାହା କାନରେ ଶୁଣିଥିଲି ତା' ଠାରୁ ଆହୁରି ଖରାପ କଥା ଆଖିରେ ଦେଖିଲି । ମା'ଙ୍କ ମନ୍ଦିରର ପାଞ୍ଚ ଏକର ଜାଗା ମଶାଣି ପାଲଟିଥାଏ । ମା'ଙ୍କ ମୂର୍ତ୍ତିର ପତ୍ତା ମିଳିଲାନି ଯେତେ ଲୋକଙ୍କଠାରୁ ସନ୍ଧାନ ନେଲି । ସେଦିନ ମୁଁ ମା'ଙ୍କୁ ନ ଦେଖି କାନ୍ଦି କାନ୍ଦି କିଛି ନ ଖାଇ ଶୋଇପଡ଼ିଥିଲି । ରାତି ପ୍ରାୟ ଅଧ ହେବ । ହଠାତ୍ ମତେ ଲାଗିଲା ମୋ ଶେଯ ପାଖରେ କିଏ ଜଣେ ଠିଆ ହୋଇଛନ୍ତି । ମୁଁ ମୋ ଶେଯରେ ବସିପଡ଼ି ଚାହିଁଲି । ଏ ଯେ ମା'-ମା' ଢ଼ାକେଶ୍ୱରୀ । ସେ ମତେ ଠାରରେ ପାଖଘରକୁ ଯିବାକୁ ଡ଼ାକିଲେ । ମୁଁ ମନ୍ତ୍ରମୁଗ୍ଧ ହୋଇ ତାଙ୍କ ପଛରେ ଗଲି । ତା'ପରେ ସେ ମତେ କେତେ କ'ଣ କହିଗଲେ ।''

ଧୈର୍ଯ୍ୟହରା ହୋଇ ପଚାରିଲି, ''କ'ଣ କହିଲେ ?''

ସେ ହସିହସି କହିଲେ, ''ସେ ସବୁ ମୋର ବ୍ୟକ୍ତିଗତ କଥା । ମା' ବି ମନା କରିଛନ୍ତି ସବୁକଥା କାହା ଆଗରେ ଖୋଲି ନ କହିବାକୁ । ହଁ, କେବଳ ଏତିକି କହିଲେ ଯେ, ପୁରୀ ଦେଉଳରେ ମୁଁ ତାଙ୍କୁ ଦେଖିପାରିବି ବୋଲି ।''

ଆଶ୍ଚର୍ଯ୍ୟ ହୋଇ ପଚାରିଲି, ‘‘ଦେଉଳରେ ! କେଉଁ ମନ୍ଦିରରେ, ମଙ୍ଗଳା, ଭୁବନେଶ୍ୱରୀ, ବେଢ଼ାକାଳୀ ?’’

ସେ ସାମାନ୍ୟ ହସି ହସି କହିଲେ, ‘‘ନା, ନା, କହିଲେ ମୁଁ ରତ୍ନସିଂହାସନରେ ତାଙ୍କୁ ଦେଖିପାରିବି । ସେ ମତେ କହିଥିଲେ ତାଙ୍କୁ ଯେତେଥର ଦେଖିବି, ମନ୍ଦାରଫୁଲ ଦେବି । ତାଙ୍କ କହିବା ଅନୁସାରେ ମୁଁ ପୁରୀ ଆସିଲି । ରତ୍ନସିଂହାସନରେ ସମସ୍ତେ ଜଗନ୍ନାଥଙ୍କୁ ଦେଖନ୍ତି । ମୁଁ କିନ୍ତୁ ଦେଖେ ମୋ ମା’ ଢ଼ାକେଶ୍ୱରୀଙ୍କୁ ।’’

-‘‘ସବୁଦିନେ, ସବୁଥର ?’’

-‘‘ହଁ, ମୋ ପାଇଁ ଜଗନ୍ନାଥ ନ ଥାନ୍ତି । ମୁଁ ତାଙ୍କ ଜାଗାରେ ମା’ଙ୍କୁ ଦେଖେ ଓ ମନ୍ଦାରଫୁଲ ଦିଏ, ଯାହା ଆପଣ ଦି’ ଥର ଦେଖିଛନ୍ତି ।’’

ମୁଁ ପଚାରିଲି, ‘‘ମାତ୍ର ଫୁଲ ତ ତଳେ ପଡ଼େନି ! କେମିତି ହୁଏ ?’’

ସେ କହିଲେ, ‘‘ମତେ ମାଧ୍ୟମ କରି ସେ ବହୁତ ବହୁତ ଅଲୌକିକ ଲୀଳା କରନ୍ତି । ସେ ସବୁ ଖୋଲି କହିବାକୁ ଏକେ ତ ମନ ଅଛି, ଦ୍ୱିତୀୟତଃ ଆଜି ସମୟ ନାହିଁ । ହଁ, ଯେତୋଟି ମନ୍ଦାରଫୁଲ ମୁଁ ଆଞ୍ଜୁଳାରେ ମା’ଙ୍କୁ ଦିଏ, ସେତିକିଟି ମା’ ଦକ୍ଷିଣକାଳୀଙ୍କୁ କେମିତି କେମିତି ଲାଗି ହୋଇଯାଏ । ମୁଁ ସେଥିରୁ ଗୋଟିଏ ଦୁଇଟି ନେଇଆସେ । ଦକ୍ଷିଣକାଳୀ ମନ୍ଦିରର ପୂଜକ ବି କିଛିଟା ଅନୁମାନ କରିଛନ୍ତି, ତେଣୁ ସେ ମୋ ହାତକୁ ପହଞ୍ଚିବା ମାତ୍ରେ ଗୋଟିଏ ଦୁଇଟି ମନ୍ଦାର ଫୁଲ ବଢ଼େଇ ଦିଅନ୍ତି । ଏଥିରୁ ଗୋଟିଏ ତୁମକୁ ଦେଉଛି । ସାଇତି ରଖିବ, ଏହାର ମୂଲ୍ୟ ଓ ଉପକାର ସବୁରି କଳ୍ପନାର ବାହାରେ ।’’

ପଚାରିଲି, ‘‘ଏ ବାବା ମା’ଙ୍କ ସାଙ୍ଗରେ କ’ଣ ଆପଣ ପ୍ରତିବର୍ଷ ପୁରୀ ଆସନ୍ତି ?’’

ସେ କହିଲେ, ‘‘ଯେତେବେଳେ ମା’ କୁହେ ଓ ଏଠିକୁ ଢ଼ାକେ ଆସେ । ବାବା ମା’ ଏଥର ଢ଼ାକାରୁ ଆସିଥିଲେ । ସେମାନଙ୍କୁ ନେଇ ଆସିବାକୁ ମା’ ମତେ କହିଲେ । ମୋର କାଳେ ଏଇଟା ଶେଷ ଦର୍ଶନ ।’’

ଉତ୍କଣ୍ଠିତ ହୋଇ ପଚାରିଲି, ‘‘ଶେଷ ଦର୍ଶନ, ମାନେ ? ଆଉ ଆସିବେନି ?’’

ସେ କହିଲେ, ‘‘ମା’ତ ସେଇଆ କହିଛି - ଏ ମୋର ଶେଷ ଦର୍ଶନ । ତା’ପରେ କାଳେ ମୁଁ ଏଇ ବାବା ମା’ଙ୍କ ସାଙ୍ଗରେ ଢ଼ାକା ଯିବି । ସେଇଠି ମୋର ଶେଷ ଦିନ ପହଞ୍ଚିବ ।’’

ଆତଙ୍କିତ ହୋଇ ପଚାରିଲି, ‘‘ମାନେ, ଆପଣ...’’

ସେ ଅବିଚଳିତ ସ୍ୱରରେ କହିଲେ, ‘‘ମୁଁ ଏ ସଂସାରରୁ ବିଦାୟ ନେଇଯିବି । ଢ଼ାକାରୁ କଲିକତା ଓ କଲିକତାରୁ ପୁରୀ ଆସିବା ଯାହା, ଏ ପୁରରୁ ସେ ପୁରକୁ ମଧ୍ୟ ଯିବା ଠିକ୍ ସେଇଆ । ତା ଛଡ଼ା ଏ ଯିବା ଆସିବା ସବୁଟା ସେଇ ମା’ ସ୍ଥିର କରନ୍ତି ।’’

ସେ ବୋଧେ ଲକ୍ଷ୍ୟ କଲେ ମୋ ମୁହଁ ମଉଳି ପଡ଼ିଲା । ମତେ ହସିହସି କହିଲେ, ‘‘ଜଗନ୍ନାଥ ଯେତେବେଳେ ମା’ ଢ଼ାକେଶ୍ୱରୀ ହୋଇ ଯାଆନ୍ତି, ତାଙ୍କ ନାକୁଆସି ଯେତେବେଳେ ନାକର ଗୁଣା ହୋଇଯାଏ, ତାଙ୍କ ପିନ୍ଧା ପାଟ ଯେତେବେଳେ ମା’ର ଶାଢ଼ୀ ହୋଇଯାଏ, ତାଙ୍କ ମୁହଁଟି ଯେତେବେଳେ ମା’ର ମୁହଁ ହୋଇଯାଏ, ମା’ କି ଦିବ୍ୟସୁନ୍ଦର ଦେଖାଯାଏ । ତା’ ଛଡ଼ା ଜଗନ୍ନାଥ ମହାପ୍ରଭୁଙ୍କୁ ସବୁ ମନ୍ତ୍ରରେ ପୂଜା କରିହେବ । ସବୁ ବେଶରେ ସଜେଇ ଦେଇ ହେବ’’ ।

ଏତିକି କହୁ କହୁ ସେ ଭାବାବିଷ୍ଟ ହୋଇ ପଡ଼ିଲେ । ମୁଁ କିନ୍ତୁ ତାଙ୍କୁ ଏ ଧୂଳି ମାଟିକୁ ଫେରାଇଆଣି ପଚାରିଲି, ‘‘ତା ମାନେ ଆଉ ଆପଣଙ୍କ ସାଙ୍ଗେ ମୋର ଦେଖା ହେବନି ? ମୋର କିନ୍ତୁ ଆହୁରି କେତେ କଥା ଆପଣଙ୍କୁ ପଚାରିବାର ଥିଲା ।’’

ସେ ହସିହସି କହିଲେ, ‘‘କିଛି ବ୍ୟସ୍ତ ହୁଅନ୍ତୁନି । ମୁଁ ଏ ସଂସାରରୁ ହଜିଯିବାପରେ ପୁଣି ଫେରିଆସିବି । ପୁଣି ଏଇ ବଡ଼ଦେଉଳରେ ଦେଖାହେବ । ମୋ ଠାରୁ ପୁଣି କେତେକଥା ଆପଣ ଶୁଣିବେ ।’’

ପଚାରିଲି, ‘‘ପୁଣି ଏଇ ମନ୍ଦିରରେ ? ଆପଣଙ୍କ ସହିତ ? ଆପଣଙ୍କୁ କେମିତି ଚିହ୍ନିବି ?’’

ସେ ଅମୃତ ଭାଷାରେ କହିଲେ, ‘‘ଆଜି ଯେମିତି ଚିହ୍ନିଲେ, ଠିକ୍ ସେମିତି ଚିହ୍ନିବେ, ନ ହେଲେ ମୁଁ ନିଜେ ଚିହ୍ନା ଦେବି । ମା’ଙ୍କ ଦୟାରୁ ଆପଣଙ୍କ ବିଷୟରେ ମୋର କିଛି ଅଜଣା ନାହିଁ । ଯାଆନ୍ତୁ । ମା’ ଆପଣଙ୍କୁ ସାହା ହୋଇଥାନ୍ତୁ । ମା’ଙ୍କ ପାଦତଳେ ମୁଣ୍ଡିଆ ମାରିଯାଆନ୍ତୁ । ସେ ଆପଣଙ୍କର ମଙ୍ଗଳ କରିବେ ।’’

ତାଙ୍କ ନିର୍ଦ୍ଦେଶମାନି ମୁଣ୍ଡଟି ମା’ଙ୍କ ପାଦତଳେ ଲଗାଇ ଦେଲି । କେଜାଣି କାହିଁକି, ପରେ ପରେ ତାଙ୍କ ପାତତଳେ ବି ମୋ ମୁଣ୍ଡଟି ଲାଗିଲା । ସେ ମୋ ମୁଣ୍ଡକୁ ସ୍ନେହ ଆଦରରେ ଆଉଁସି ପକାଇଲେ ।

❏❏❏

**ପୂର୍ବତନ ପ୍ରଶାସକ,**
**ଶ୍ରୀମନ୍ଦିର**